# Akashvani, Sambalpur

## SAMBALPURI NEWS BULLETIN

### 16 July 2025- 6.47- 6.52 am.

*******************************************

ସଚିବସ୍ତରୀୟ ବୈଠକ୍                I&PR

ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜାଙ୍କର୍ ଅଧ୍ୟକ୍ଷତାଥି ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ଗଲାକାଏଲ୍ ସଚିବସ୍ତରୀୟ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଓଡ଼ିଶା ଭିଜନ୍ ଡକ୍ୟୁମେଂଟ୍‌କେ କାର୍ଯ୍ୟକାରୀ କର୍‌ବାର୍ ଲାଗି ଆନ୍ତଃବିଭାଗୀୟ କାର୍ଯ୍ୟକାରୀ ଗୋଷ୍ଠୀ ଜରିଏ ତାଲ୍‌ମେଲ୍ ଆଉ କାର୍ଯ୍ୟାନ୍ୱୟନ୍ ବାବଦ୍ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦିଆଯାଇଥିଲା । ଇ ବାବ୍‌ଦେ ଭିନ୍ ଭିନ୍ ସର୍‌କାରୀ ପ୍ରତିଷ୍ଠାନ୍ ତର୍‌ଫୁ ଭିଜନ୍ ଡକ୍ୟୁମେଂଟ୍‌ର ଆଭିମୁଖ୍ୟ ଉପ୍‌ରେ ଦିଆଯାଇଥିବା ତାଲିମ୍ ବିଷେଥି ଉନ୍ନୟନ୍ କମିଶନର୍ ଅନୁ ଗର୍ଗ ତଥ୍ୟ ଉପସ୍ଥାପନ୍ କରିଥିଲେ । ଜନକୈନ୍ଦ୍ରିକ ଶାସନ୍ ବ୍ୟବସ୍ଥାର୍ ସୁପରିଚାଳନାକେ ନଜର୍‌ଥି ରଖିକରି ଓଡ଼ିଶା ଲୋକ୍‌ସେବା ଅଧିକାର୍ ଅଧିନିୟମ୍ ଅଧୀନ୍‌ଥି ଥିବା କେନ୍ଦ୍ରୀୟ ତଦାରଖ୍ ବ୍ୟବସ୍ଥାଥି ରଖିବାର୍ ଲାଗି ବୈଠକ୍‌ଥି ପରାମର୍ଶ ଦିଆଯାଇଥିଲା ।

ବିଶ୍ୱ ଯୁବ ଦକ୍ଷତା ଦିବସ୍ ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟର୍ ଯୁବଶକ୍ତିକେ ଭର୍ପୁର୍ ସୁବିଧା ସୁଯୋଗ୍ ଯୁଗେଇ ଦେଇକରି ପ୍ରତିଭାର୍ ବିକାଶ୍ କର୍ବାର୍କେ ରାଜ୍ୟ ସର୍କାର୍ ପ୍ରତିଶ୍ରୁତିବଦ୍ଧ ଆନ୍ ବଲି ଶିଳ୍ପ, ଦକ୍ଷତା ବିକାଶ୍ ଆଉ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ କହିଛନ୍ । ଭୁବ୍ନେଶ୍ୱର୍ ବିଶ୍ୱ ଦକ୍ଷତା କେନ୍ଦ୍ର ଠାନେ ହେଇଥିବା ବିଶ୍ୱ ଯୁବ ଦକ୍ଷତା ଦିବସ୍ ସମାରୋହଥି ଯୋଗ୍ ଦେଇକରି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍, ଓଡ଼ିଶାକେ ୨୦୩୬ ମସିହାତକ୍ ଗୁଟେ ସମୃଦ୍ଧ ରାଜ୍ୟ ବନାବାର୍କେ ହେଲେ କୃତ୍ରିମ ବୁଦ୍ଧିମତା ଆଉ ଡିଜିଟାଲ୍ ଦକ୍ଷତାଥି ଆଝିରର୍ ପିଢ଼ିକେ ପାରଙ୍ଗମ୍ ହେବାର୍କେ ପଡ଼୍ବା । ଇଥିର୍ଲାଗି ପୁର୍ଥିନୁ ଓଡ଼ିଶା ନିଜର୍ ଭିନେ ଛାପ୍ ଛାଡ଼ିପାର୍ବା ବଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ । ଇ ଅବ୍ସରେ ରାଜ୍ୟର୍ ୩ ଝନ୍ ଯୁବ ନାନୋ ୟୁନିକର୍ଣ୍ଣ ଉଦ୍ୟୋଗୀଙ୍କୁ ଶ୍ରୀ ସ୍ୱାଇଁ ଲାଖେ ଟଙ୍କାର୍ ସିଡ୍ ଫଣ୍ଡିଂ ଦେଇଛନ୍ ।

ପୁରୀ ରଥଯାତ୍ରା ଦଲାଚକ୍ଟା ଘଟ୍ନା ଆର୍ଏନ୍ୟୁ/ ସମ୍ବଲପୁର

ପୁରୀ ରଥଯାତ୍ରା ଦଲାଚକ୍ଟା ଘଟ୍ନାର୍ ତଦନ୍ତ ଅଧିକାରୀ ଆଉ ଉନ୍ନୟନ୍ କମିଶନର୍ ଗଲାକାଏଲ୍ ପୁରୀ ସ୍ୱତନ୍ତ୍ର ସର୍କିଟ୍ ହାଉସ୍ ଠାନେ ଘଟ୍ନାର୍ ଶୁଣାଣି କରିଛନ୍ । ଇଥି ଭିନ୍ ଭିନ୍ ବିଭାଗ୍ର ଅଧିକାରୀମାନ୍କର୍ ଶୁଣାଣି

ହେଇଥିଲା । ଘଟ୍‌ନା ବେଲେ ଡ୍ୟୁଟିଥି ଥିବା ୪୦ ନୁ ଅଏତ୍‌କା ଅଧିକାରୀ ଉପସ୍ଥିତ୍ ରହିକରି ତଥ୍ୟ ରଖିଥିଲେ । ଆଗ୍‌କେ ଭିଲ୍ ତଦନ୍ତ ଜାରି ରହେବା ବଲି ସୂଚ୍‌ନା ଦିଆଯାଇଛେ ।

ଓ.ଏସ୍.ଏସ୍.ଏସ୍.ସି. ପରୀକ୍ଷା ସ୍ଥଗିତ୍    ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା କାଏଲ୍ ହେବାର୍‌କେ ଥିବା ସେବକ, ସେବିକା, ଆଦିବାସୀ ଭାଷା ଶିକ୍ଷକ୍ ପ୍ରିଲିମ୍ ନିଯୁକ୍ତି ପରୀକ୍ଷାକେ ଓଡ଼ିଶା ଅଧସ୍ତନ୍ କର୍ମଚାରୀ ଚୟନ ଆୟୋଗ୍ - ଓ.ଏସ୍.ଏସ୍.ଏସ୍.ସି. ତର୍‌ଫୁ ସ୍ଥଗିତ୍ କରାଯାଇଛେ । ଆଏବା କାଏଲ୍ ଓଡ଼ିଶା ବନ୍ଦ୍ ଲାଗି ପରୀକ୍ଷାକେ ସ୍ଥଗିତ୍ କରାଯାଇଛେ । ପରୀକ୍ଷା କେବେ ହେବା ସେ ବାବ୍‌ଦେ ଖୋବ୍ ଜଲ୍‌ଦି ସୂଚ୍‌ନା ଦିଆଯିବା । ପରୀକ୍ଷାର୍ଥୀମାନେ କର୍ତ୍ତୃପକ୍ଷଙ୍କର୍ ୱେବ୍‌ସାଇଟ୍‌ନୁ ସବୁ ତଥ୍ୟ ପାଇପାର୍‌ବେ ବଲି  ଓ.ଏସ୍.ଏସ୍.ଏସ୍.ସି. ତର୍‌ଫୁ କୁହାଯାଇଛେ ।

ଇଗ୍ନୋ ପାଠ୍ୟକ୍ରମ୍-ବାଲୁକା କଳା        ପୁରୀ ସମ୍ବାଦଦାତା

ଇଗ୍ନୋ ପାଠ୍ୟକ୍ରମ୍‌ଥି ଇ ବଛର୍ ପହେଲାକରି ବାଲୁକା କଳାକେ ସାମିଲ୍ କରାଯାଇଛେ । ଦେଶର୍ ଯୁଆନ୍ ପିଢ଼ି ମାନ୍‌କର୍ ଭିତ୍‌ରେ ବାଲୁକା କଳାକେ ନେଇକରି ଦେଖାଦେଇଥିବା ଚାହିଦାକେ ନଜର୍‌ଥି ରଖିକରି ଇ

ପାଠ୍ୟକ୍ରମ୍‌କେ ଇଗ୍ନୋଥି ସାମିଲ୍ କରାଯାଇଛେ । ଖାସ୍ କରି ଭାରତୀୟ ସଂସ୍କୃତି ଆଉ କଲାକେ ବିଶ୍ୱ ବ୍ୟାପୀ କର୍‌ବାର୍‌ଟା ଇତାର୍ ମୁଖ୍ୟ ଲକ୍ଷ୍ୟ ଆଏ । ଅନ୍‌ଲାଇନ୍ ଜରିଏ ଇ ପାଠ୍ୟକ୍ରମ୍ ଲାଗି ପାଠ୍ ପଢ଼ାଯିବାର୍ ସହେତେ ଡେମୋନ୍‌ଷ୍ଟ୍ରେସନ୍ ଦିଆଯିବା ବଲି ଜନାପଡ଼ିଛେ ।

ଡେବ୍ରିଗଡ଼୍ ଅଭୟାରଣ୍ୟ-ବଣୁଆ କୁକୁର୍  ଆର୍‌ଏନ୍‌ୟୁ/ ସମ୍ବଲପୁର

ଡେବ୍ରିଗଡ଼୍ ଅଭୟାରଣ୍ୟ ନ ବିରଳ ପ୍ରଜାତିର୍ ୨ ଟା ବଣୁଆ କୁକୁର୍‌କେ ଗଲାକାଏଲ୍ ଠାବ୍ କରାଯାଇଛେ । ୨୦୨୩ ମସିହା ଶୀତ୍‌ମାସେ ଇଟା ପହେଲା କରି ଦେଖ୍‌ବାର୍‌କେ ମିଲିଥିଲା । ତାର୍ ଉତ୍‌ରୁ ଗଲାକାଏଲ୍ ଅଭୟାରଣ୍ୟ ଭିତ୍‌ରେ ବନ କର୍ମଚାରୀମାନେ ଫେର୍‌ଘାଏ ଇମାନ୍‌କୁ ଠାବ୍ କରିଛନ୍ । ଇଟା ଗୁଟେ ବିରଳ ପ୍ରଜାତି ହେଇଥିବାର୍‌ନୁ ସୁରକ୍ଷା ଲାଗି ସବୁ ପ୍ରକାର୍ ପ୍ରସ୍ତୁତି କରାଯାଇଛେ ବଲି ହୀରାକୁଦ୍ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ କହିଛନ୍ ।

ବିଦ୍ୟୁତ୍ ଯୋଗାଣ ବନ୍ଦ୍          ସମ୍ବଲପୁର ସମ୍ବାଦଦାତା

ଶହେ ୩୨/୩୩ କେଭି ସମ୍ବଲ୍‌ପୁର୍ ଗ୍ରୀଡ଼୍ ସବ୍‌ଷ୍ଟେସନ୍‌ର ମରାମତି କାମ୍ ଲାଗି ଆଏଜ୍ ସମ୍ବଲ୍‌ପୁର୍ ସହରର୍ ଭିନ୍ ଭିନ୍ ଜାଗା ନ ଲାଇନ୍

କଟାଯିବା । ସଖାଲର୍ ୮ ବଜେନୁ ୨ ବଜେତକ୍ ସହରର୍ ଚେରୁଆପଡ଼ା, ନନ୍ଦପଡ଼ା, ଝାଡୁଆପଡ଼ା, ବଡ଼ବଜାର୍, ବାଲିବନ୍ଧା, କୁଞ୍ଜେଲ୍‌ପଡ଼ା, ଦୁର୍ଗାପାଲି, ଫାର୍ମରୋଡ଼୍, ମୁଦିପଡ଼ା, ଲକ୍ଷ୍ମୀଟକିଜ୍, ପୁଲିସ୍ ଲାଇନ୍, ଗୁଜ୍‌ରାତି କଲୋନୀ, କାଇଁସିରରୋଡ୍, ସମଲେଇମନ୍ଦିର୍, କ୍ଷେତ୍‌ରାଜ୍‌ପୁର୍ ଇଲାକା ନ ବିଜ୍‌ଲି ଯୋଗାଣ ବନ୍ଦ୍ ରହେବା ବଲି ପଶ୍ଚିମ ଓଡ଼ିଶାର୍ ବିଦ୍ୟୁତ୍ ବିତରକ୍ କମ୍ପାନୀ ଟିପିଡବ୍ଲୁଓଡିଏଲ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ବେଡ୍‌ମିଂଟନ୍ ରେଙ୍କିଙ୍ଗ୍ ଟୁର୍ଣ୍ଣାମେଂଟ I&PR

ଭୁବ୍‌ନେଶ୍ୱର୍ କଲିଙ୍ଗ ଷ୍ଟାଡ଼ିୟମ୍ ଠାନେ ଚାଲିଥିବା ଅଲ୍‌ଇଣ୍ଡିଆ ସିନିଅର୍ ବେଡ୍‌ମିଂଟନ୍ ରେଙ୍କିଙ୍ଗ୍ ଟୁର୍ଣ୍ଣାମେଂଟ୍ ଗଲାକାଏଲ୍ ଉଦ୍‌ଯାପିତ୍ ହେଇଯାଇଛେ । ଉଦ୍‌ଯାପନୀ ସମାରୋହଥି ରାଜ୍ୟର୍ କ୍ରୀଡ଼ା ଆଉ ଯୁବ ସେବା ବିଭାଗ୍ ପ୍ରମୁଖ ଶାସନ୍ ସଚିବ ଭାସ୍କର୍ ଜ୍ୟୋତି ଶର୍ମା, ରାଜ୍ୟ ବେଡ୍‌ମିଂଟନ୍ ସଂଘର୍ ସଭାପତି ରାଜେଶ୍ ପାଟିଲ୍ ଯୋଗ୍ ଦେଇକରି କୃତି ପ୍ରତିଯୋଗୀମାନ୍‌କୁ ସମ୍ବର୍ଦ୍ଧିତ୍ କରିଥିଲେ । ଗଲା ୮ ତାରିଖ୍‌ନୁ ମୁଲ୍ ହେଇଥିବା ଇ ପ୍ରତିଯୋଗିତାଥି ସିଙ୍ଗିଲ୍, ଡବଲ୍ସ, ମିକ୍ସ ଡବଲ୍ସ ବର୍ଗଥି ୧୫ ଶହ ନୁ ଅଏତ୍‌କା କ୍ରୀଡ଼ାବିତ୍ ଭାଗ୍ ନେଇଥିଲେ ।

ସାହାଣୀ କପ୍ ଟୁର୍ଣ୍ଣାମେଂଟ                    ଆର୍ଏନ୍ୟୁ/ ସମ୍ବଲପୁର

୬୪ ନମ୍ବର୍ ପୁରୁଷ ଅନ୍ତଃଜିଲ୍ଲା ଫୁଟ୍‌ବଲ୍ ଚମ୍ପିଆନ୍‌ସିପ୍ -୨୦୨୫ ସାହାଣୀ କପ୍ ଆଏଜ୍‌ଠାନୁ ମୁଲ୍ ହେବା । ଓଡ଼ିଶା ଫୁଟ୍‌ବଲ୍ ଆସୋସିଏସନ୍ ଆଉ ରାଜ୍ୟ କ୍ରୀଡ଼ା ବିଭାଗ୍‌ର ମିଲିତ୍ ସହଯୋଗ୍‌ଥି ହେବାର୍‌କେ ଥିବା ଇ ଟୁର୍ଣ୍ଣାମେଂଟ୍ ଓଡ଼ିଶାର୍ ୪ ଟା ଜାଗା ନ ହେବା । ଇଥି ମୋଟ୍ ୩୩ ଦଲ୍ ଭାଗ୍ ନେବେ । ଟୁର୍ଣ୍ଣାମେଂଟ୍‌ର ଫାଇନାଲ୍‌ର ୨ ଟା ମେଚ୍ ବୌଦ୍ଧ ଆଉ କେନ୍ଦୁଝର୍ ନ ଖେଲାଯିବା ବଲି ନିଷ୍ପତି ନିଆଯାଇଛେ ।

ପାଣିପାଗ       ଆର୍ଏନ୍ୟୁ/ ସମ୍ବଲପୁର

ବଙ୍ଗୋପ୍‌ସାଗର୍ ନ ହେଇଥିବା ଲଘୁଚାପ୍ ପ୍ରଭାବ୍‌ଥି ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ଭିତ୍‌ରିଆ ଆଉ ସମୁଦ୍ରଖଁଡ଼ି ଜାଗା ନ ଘଡ଼୍‌ଘଡ଼ି ସହେତେ ହାଲ୍‌କାନୁ ମଧମ୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଇ ସମିଆଥି ଅତି ଜବର୍ ଧୁକାଗର୍ଡ଼ି ଆଉ ବର୍ଷା ନେଇକରି ପଶ୍ଚିମ ଓଡ଼ିଶା ସହେତେ ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ଼୍, ବର୍‌ଗଡ଼୍, ଦେବ୍‌ଗଡ଼୍ ସହେତେ ୧୫ ଟା ଜିଲ୍ଲାକେ ସତର୍କ ସୂଚ୍‌ନା ଜାରି କରାଯାଇଛେ ।

ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର୍ ନ ଆଏଜ୍ ୨ ଟା ଗେଟ୍ ଦେଇକରି ବଏଢ୍ ପାଏନ୍ ଛଡ଼ାଯାଉଛେ ।